The Odisha Gazette

EXTRAORDINARY
PUBLISHED BY AUTHORITY

No. 04, CUTTACK, MONDAY, JANUARY 04, 2021/ PAUSA 14, 1942

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

## ଅଧିସୂଚନା

ତା 30.12.2020

ସଂଖ୍ୟା୦4198—OLLC(P)-003/2020/ଓ.ଭା.ସା.ସଂ.— ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ତା. 02.09.2020 ରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟ୍ ର ଦ୍ୱିତୀୟ ବୈଠକରେ ନିମ୍ନୋକ୍ତ ସାତଗୋଟି ପ୍ରସ୍ତାବକୁ ଅନୁମୋଦନ କରାଗଲା ।

- ଓଡ଼ିଶା ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ଏକ ସଂସ୍କୃତି ସମ୍ପର୍ଣ୍ଣ ପରିଚିତ ରାଜନୀତିକ ଆୟତନ । ଭାରତ ସରକାର ଓଡ଼ିଶୀନୃତ୍ୟକୁ ଶାସ୍ତ୍ରୀୟନୃତ୍ୟ ଏବଂ ଓଡ଼ିଆ ଭାଷାକୁ ଷଷ୍ଠତମ ଶାସ୍ତ୍ରୀୟଭାଷାର ମାନ୍ୟତା ପ୍ରଦାନ କରିଛନ୍ତି । ଓଡ଼ିଶୀ ସଙ୍ଗୀତର ଗାୟନ ପଦ୍ଧତି ଭାରତର ଅନ୍ୟ ଶାସ୍ତ୍ରୀୟ ସଙ୍ଗୀତ ଗୁଡିକ ମଧ୍ୟରେ ସ୍ୱତନ୍ତ୍ର ହୋଇଥିବାରୁ ଓଡ଼ିଶୀନୃତ୍ୟ ପରି ଓଡ଼ିଶୀସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଭାରତ ସରକାରଙ୍କୁ ଅନୁରୋଧ ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।
- ଓଡ଼ିଶାର ଐତିହ୍ୟ ଓ ଏହାର କୀର୍ତ୍ତିରାଜି, ପ୍ରାଚୀନମନ୍ଦିର, ସ୍ତୂପ ଏବଂ ଭାସ୍କର୍ଯ୍ୟଗୁଡିକର ରକ୍ଷଣାବେକ୍ଷଣ ତଥା ରାଜ୍ୟ ପ୍ରତ୍ନତତ୍ତ୍ୱସଂସ୍ଥାର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ସୃଷ୍ଟି ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।
- ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଥିବା ପ୍ରାଚୀନ ସାମଗ୍ରୀଗୁଡିକର ରକ୍ଷଣାବେକ୍ଷଣ ସମେତ ପ୍ରାଚୀନ ପୋଥିଗୁଡିକର ଡ଼ିଜିଟାଇଜେସନ, ପଞ୍ଜୀକରଣ, ସଂରକ୍ଷଣ ଏବଂ ପ୍ରକାଶନ କାର୍ଯ୍ୟ ଜଣେ ମାତ୍ର ନିର୍ଦ୍ଦେଶକ ଅଧୀନରେ ହେଉଥିବାରୁ ଏହାର ପରିଚାଳନା ଅତ୍ୟନ୍ତ କଷ୍ଟସାଧ ହେଉଅଛି । ତେଣୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଏହା ଅଧିନସ୍ଥ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଅନ୍ୟ ସଂଗ୍ରହାଳୟଗୁଡିକର ତଦାରଖ କାର୍ଯ୍ୟର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ସୃଷ୍ଟି ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।
- ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଥିବା ପୁରାତନ କୀର୍ତ୍ତିରାଜି, ଅନନ୍ୟ ତାଳପତ୍ର ପୋଥି, ପ୍ରାଚୀନ ମୁଦ୍ରା ଓ ଅଭିଲେଖ, ନୃତତ୍ତ୍ୱ, ବ୍ରୋଞ୍ଜ ଐତିହ୍ୟ, ଅସ୍ତ୍ରଶସ୍ତ୍ର, ହାତୀଦାନ୍ତ ଓ କାରୁକଳା, ନୌବାଣିଜ୍ୟ ପରମ୍ପରା,

ଖଣି ଓ ଭୂତତ୍ୱ ଆଦି ଅମୂଲ୍ୟ ସମ୍ପଦର ଦୃଶ୍ୟପଟ ପୃଥିବୀର କୋଣ ଅନୁକୋଣରେ ପହଞ୍ଚିବା ଉଦ୍ଦେଶ୍ୟରେ ତଥା ସାଂପ୍ରତିକ ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଭର୍ଚୁଆଲ କରାଯିବା ସଙ୍ଗେସଙ୍ଗେ ଅନୁରୂପ ଢାଞ୍ଚାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆନନ୍ଦ ଭବନ ସଂଗ୍ରହାଳୟକୁ ମଧ୍ୟ ଭର୍ଚୁଆଲ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

- କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଭାବନା ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବିବେଚିତ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଏକାଡେମୀ ପୁରସ୍କାର, ଶିଳ୍ପୀ ସମ୍ବର୍ଦ୍ଧନା ଏବଂ ଗୋଟିଏ ଲେଖାଏଁ ସର୍ବୋଚ୍ଚ ପୁରସ୍କାର ପ୍ରଦାନ କରାଯାଇଥାଏ । ଏହି ପୁରସ୍କାର ଯଥା :- ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଧର୍ମପଦ ସମ୍ମାନ ଓ ବ୍ୟାସ କବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ନିମନ୍ତେ ଅର୍ଥରାଶି ଏକ ଲକ୍ଷ ଟଙ୍କା ରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି, ଏକାଡେମୀଗୁଡିକର ପୁରସ୍କାର ପାଇଁ ଅର୍ଥରାଶି ପଚାଶ ହଜାର ଟଙ୍କା ରୁ ଦୁଇ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ଏକାଡେମୀ ସମ୍ବର୍ଦ୍ଧନା ରାଶି ଏକ ଲକ୍ଷ ଟଙ୍କାକୁ ବୃଦ୍ଧି ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।
- ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ବିଭିନ୍ନ ଏକାଡେମୀ / ଅନ୍ୟାନ୍ୟ ପ୍ରତିଷ୍ଠାନ / କେନ୍ଦ୍ର ଗୁଡିକରେ ଖାଲି ପଡିଥିବା କାର୍ଯ୍ୟକର୍ତ୍ତା ନିଯୁକ୍ତି ପକ୍ରିୟା ଏକ ମୁକ୍ତ ବିଜ୍ଞାପନ ମାଧ୍ୟମରେ ଓ ଆବଶ୍ୟକସ୍ଥଳେ ଖାଲି ପଡିଥିବା ପଦବୀ ଗୁଡିକ ମନୋନୟନ ମାଧ୍ୟମରେ ଚୟନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଗଲା ।
- ନବଉତ୍କଳର ସ୍ଥପତି, ଓଡ଼ିଶା ଓ ଭାରତର ମୁକ୍ତିସଂଗ୍ରାମର ଅନ୍ୟତମ ଅଗ୍ରଣୀ ସୈନିକ, ସତ୍ୟବାଦୀ ବକୁଳ ବନବିଦ୍ୟାଳୟ ଓ ସମ୍ବାଦପତ୍ର 'ସମାଜ' ର ପ୍ରତିଷ୍ଠାତା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଭାରତବର୍ଷର ଜଣେ ବିଶିଷ୍ଟ ମାନବବାଦୀ ବ୍ୟକ୍ତିତ୍ୱ । ତାଙ୍କ ଜନ୍ମପୀଠ ସୁଆଣ୍ଡୋର ସାମଗ୍ରିକ ବିକାଶ ଓ ଉନ୍ନତିକରଣ ପାଇଁ ସାଢ଼େ ଏଗାରକୋଟି ଟଙ୍କାର ଏକ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

**ଆଦେଶ**

ଆଦେଶ ଦିଆଯାଉଅଛି ଯେ ଏହି ସଂକଳ୍ପଟି ଏକ ଅସାଧାରଣ ରାଜପତ୍ରରେ ପ୍ରକାଶ କରାଯାଉ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ବିଷ୍ଣୁପଦ ସେଠୀ

ପ୍ରମୁଖ ଶାସନ ସଚିବ

Printed and Published by the Director, Printing, Stationery and Publication, Odisha, Cuttack-10
OGP/SBP Ex.Gaz.1079-173+500